ଦିଲ୍ଲୀରେ ଭାଜପାର ଐତିହାସିକ ବିଜୟ

# ବାଲିମେଳାରେ ବିଜୟ ଉତ୍ସବ ପାଳିଲେ କର୍ମୀ



ଭାଜପା କର୍ମୀମାନେ ବାଲିମେଳାରେ ଉତ୍ସବ ମନାଉଛନ୍ତି।

କୋରୁକୋଣ୍ଡା,୮।୨(ଶିବଦତ୍ତ ସାହୁ )

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ଦୀର୍ଘ ୨୭ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଐତିହାସିକ ବିଜୟ ଲାଭ କରିଛି। ଏହି ଅବସରରେ ବାଲିମେଳା ଭାଜପା ମଣ୍ଡଳ ସଭାପତି ସୀମାଞ୍ଚଳ ପ୍ରଧାନ, ନଗର ପାଳ ପ୍ରଦୀପ କୁମାର ନାୟକ,ଜିଲା ସମ୍ପାଦକ ଅକ୍ଷୟ ବିଶ୍ୱାଳ,ବାଲିମେଳା ପ୍ରତିନିଧି ପ୍ରଦୀପ କୁମାର ନାୟକ, ଜିଲା ସଂଖ୍ୟାଲଘୁ ସେଲ ସଭାପତି ଜୋସେଫ ଦିଲ୍ଲୀପ,ପୂର୍ବତନ ନଗର ସଭାପତି ଶିବଦତ୍ତ ସାହୁ ଓ ଶୁଭାଶିଷ କରଙ୍କ ସମେତ କାଉନସିଲର ଜ୍ୟୋତି ରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ, ଯୁବ ସଭାପତି ଅନିଲ କୁମାର ନାୟକ, ରବୀନ୍ଦ୍ର କୁମାର ନାୟକ ବରିଷ୍ଠ କର୍ମୀ ଶୀତଲ କୁମାର ଚର୍ଚ୍ଚି, ମନୋଜ ଖିଲ ରବି ବେହେରାଙ୍କ ସମେତ ପ୍ରାୟ ଶତାଧିକ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ସହରର କାଳିଛକ ଠାରେ ଏକତ୍ରିତ ହୋଇ ସ୍ଲୋଗାନ ଦେବା ସହ ଆତସବାଜି ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ।

# ବେଆଇନ ଭାବେ ଅଞ୍ଚଳରେ ଚାଲିଛି କଇଁଛ ମାଂସ ବିକ୍ରି

କୋରୁକୋଣ୍ଡା,୯।୨ (ଶିବଦତ୍ତ ସାହୁ )

କଇଁଛ ଓ ଏହାର ମାଂସ ବିକ୍ରୀ ଉପରେ ରାଜ୍ୟ ସରକାର ଓ ବନ ବିଭାଗ ପକ୍ଷରୁ ରୋକ୍ ଲଗାଯାଇଥିବା ବେଳେ ଏହି ନିୟମକୁ କେତେକ ବ୍ୟବସାୟୀ ଅବମାନନା କରି ବିଭିନ୍ନ ଗ୍ରାମରେ ବୁଲି ବିକ୍ରୀ କରୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ରବିବାର ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବାନାଞ୍ଚଳ ସେକ୍ସନ ଅଧୀନ ପିଟାଗାଟା ସାପ୍ତାହିକ ହାଟ ଏବଂ ଆଖପାଖ ଅଞ୍ଚଳ ଗ୍ରାମଗୁଡିକରେ। କେତେକ ବ୍ୟବସାୟୀ ବାଇକ୍‌ରେ କଇଁଛ କିଲୋ ପ୍ରତି ୩୦୦ରୁ ୪୦୦ ଟଙ୍କାରେ ବିକ୍ରୀ କରୁଥିବା ଦେଖିବାକୁ ମିଳିଛି। କଇଁଛ ମାଂସ କିଣିବା ନିମନ୍ତେ ଗ୍ରାମବାସୀଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗର ଅଧିକାରୀଙ୍କ ନିକଟରେ ଏନେଇ କୌଣସି ସୂଚନା ନ ଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ଏନେଇ ଲୋକଙ୍କୁ ସଚେତନ କରାଯାଉନାହିଁ, କିମ୍ୱା ଅଞ୍ଚଳରେ ପାଟ୍ରୋଲିଂ ନ ହେବାରୁ ଦିନକୁ ଦିନ କଇଁଛ ବ୍ୟବସାୟ ବୃଦ୍ଧି ପାଉଛି । ପୂର୍ବରୁ ବିଭିନ୍ନ ଅଞ୍ଚଳରେ କେତେକ ବ୍ୟବସାୟୀଙ୍କ ଦ୍ୱାରା ବେଆଇନ ଭାବେ ଏହି ବ୍ୟବସାୟ ଉପରେ ରୋକ୍ ଲଗାଇବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଇ କଇଁଛ ଜବତ କରିବା ସହ ଏହାକୁ ବିକ୍ରୀ କରୁଥିବା ବ୍ୟକ୍ତିଙ୍କୁ ଗିରଫ ମଧ୍ୟ କରାଯାଇଛି । ତଥାପି ଅଞ୍ଚଳରେ ଖୁଲମଖୁଲା ଚାଲିଥିବା କଇଁଛ ବିକ୍ରୀ ଉପରେ ବନ ବିଭାଗ ଓ ପ୍ରଶାସନ ସଂପୂର୍ଣ୍ଣ ଭାବେ ରୋକ୍ ଲଗାଇବାରେ ସଫଳ ହୋଇପାରୁ ନାହିଁ।

ଘଟଣା ବିଷୟରେ ମଲକନଗିରି ବନାଞ୍ଚଳ ଅଧିକାରୀ ରମେଶ ରାଉତଙ୍କୁ ପଚାରିବାରୁ ଏନେଇ କୌଣସି ସୂଚନା ଆମ ପାଖରେ ନାହିଁ । ଏହି ଘଟଣାର ତଦନ୍ତ କରାଯିବ। ଆଗାମୀ ଦିନରେ ବେଆଇନ ଭାବେ ଚାଲିଥିବା କଇଁଛ ବେପାର ଓ କାରବାର ଉପରେ ରୋକ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



କଇଁଛ ମାଂସ ବିକ୍ରି କରୁଥିବା ଜଣେ ବ୍ୟକ୍ତି।

ନିର୍ମାଣ ୬ ମାସ

# ମାଟିରେ ମିଶିଲାଣି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିମ୍ନମାନ କାର୍ଯ୍ୟ ଅଭିଯୋଗ

ନବରଙ୍ଗପୁର,୯।୨(ସଦାଶିବ ପ୍ରହରାଜ)

ଲୋକଙ୍କ ଗମନା ଗମନ ସୁବିଧା ପାଇଁ ମେଟାଲ ମୋରମ୍ ରାସ୍ତାରୁ ପିଚୁ ବ୍ୟବସ୍ଥା ହେଲା। ମାଟି ପଥୁରିଆ ରାସ୍ତା ପିଚୁ ରାସ୍ତାରେ ପରିଣତ ହୋଇ ଦୁଇ ବ୍ଲକକୁ ସଂଯୋଗ ହୋଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ୬ ମାସ ମଧ୍ୟରେ ଖରାପ ହୋଇ ମାଟିରେ ମିଶିବାକୁ ବସିଲାଣି। ଯାହାର କାର୍ଯ୍ୟ ନିମ୍ନମାନର ହୋଇଥିବା ଲୋକେ ଅଭିଯୋଗ କରିବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏହାକୁ ପୁନଃ ନିର୍ମାଣ ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ୬ ମାସ ମଧ୍ୟରେ ମାଟିରେ ମିଶିଲା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା। ଏହି ଭଳି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଡାବଗାଁ ବ୍ଲକରେ। ଡାବୁଗାଁ ବ୍ଲକ ଏମ୍‌ଆରଏଲଏସ୍‌ଏଚ -୩୯ ଚକ ତଥା ଝାଳିଆଗୁଡ଼ା ଛକଠାରୁ କୋଷାଗୁମୁଣ୍ଡା ବ୍ଲକ ଆମ୍ବାଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। କାମତା, କୋଇଲାରୀ ଓ ଖୁଟୁଗୁଡା ଆଦି ଗ୍ରାମକୁ ରାସ୍ତା ଯାଇଥିବା ବେଳେ ଦୀର୍ଘ ୭.୫୦ ରାସ୍ତା ନିମାଣ କରାଯାଇଛି।ରାସ୍ତାର କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖ କରୁଥିବା ବେଳେ ଜଣେ ଏ ଶ୍ରେଣୀର ଠିକାଦାର ଖଗ ଭରତାଙ୍କ ନାଁରେ ରାସ୍ତାର ସୂଚନା ବିବରଣୀ ରହିଛି। ନିର୍ମାଣ ମୂଲ୍ୟ ସୂଚନା ଫଳକରେ ୩ କୋଟି ୩୨ ଲକ୍ଷ ଥିବା ବେଳେ ରକ୍ଷଣାବେକ୍ଷଣ ପାଇଁ ୨୧.୭୯ ଲକ୍ଷ ରହିଛି। ରାସ୍ତା ୨୦୨୩ରେ ଆରମ୍ଭ ହୋଇ ୨୦୨୪ରେ ଶେଷ ହୋଇଥିବା ଲୋକେ ଅଭିଯୋଗ କରିଥିବା ବେଳେ କିନ୍ତୁ ସୂଚନା ବିବରଣୀରେ ୨୦୨୨ ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ରେ ଶେଷ ହୋଇଥିବା ଦର୍ଶାଯାଇଛି ।

ନିର୍ମାଣର ୬ ମାସ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସରଗୁଡା ଅଞ୍ଚଳର ମଙ୍ଗନାଥ ଭତରା ଓ ସୁକଦେ ଭତରା କହିଛନ୍ତି । ପିଚୁ ମେଟାଲ ଆଦି ବାହାରି ନଷ୍ଟ ହୋଇ ମାଟିରେ ମିଶିବାକୁ ବସିଲାଣି। ରାସ୍ତା ଏହିପରି ଅବସ୍ଥା ହୋଇଛି, ଚାଲିକି ଯିବା ମଧ୍ୟ କଷ୍ଟ ସାଧ ହୋଇପଡିଛି। ହାତ ମାରିଲେ ଉଠୁଛି ପୁଳା ପୁଳା ପିଚୁ। ଏବେ ସେହି ରାସ୍ତାରେ ଯିବା ବେଳେ ନାନା ହଇରାଣ ହରକତ ହେଉଛନ୍ତି ଲୋକେ। ବିଶେଷ କରି ସରାଗୁଡା ଏବଂ ଝାଳିଆଗୁଡ଼ା ଗ୍ରାମବାସୀ ସେହି ରାସ୍ତାଦେଇ କଇଲାରୀ ପଞ୍ଚାୟତକୁ ବିଭିନ୍ନ କାର୍ଯ୍ୟ ପାଇଁ ଯାଇଥାନ୍ତି। ସେହିପରି କାମତା ଓ କୋଇଲାରୀ ଲୋକେ ଡାବଗାଁ କିମ୍ବା ଉମରକୋଟ ଯିବାକୁ ହେଲେ ସେହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପିଚୁ ରାସ୍ତା ହେବା ପରେ ଯାତାୟାତ ପାଇଁ ଭାବି ଥିଲେ କିନ୍ତୁ କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା ଅଳ୍ପ ଦିନରେ ନଷ୍ଟ ହେବା ପରେ ପୂର୍ବ ଭଳି ସମସ୍ୟାରେ ଯୁଝି ହେବାକୁ ପଡିବ ବୋଲି କମତା ଗ୍ରାମର ଗୋପୀନାଥ ଭତ୍ରା କହିଛନ୍ତି ।

ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ଅଳ୍ପଦିନରେ ନଷ୍ଟ ହୋଇଯାଇଥିବା ବେଳେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ପୁନଃ ନିର୍ମାଣ ପାଇଁ ଦାବୀ କରିଛନ୍ତି। ରାସ୍ତା ନିର୍ମାଣ ହୋଇ ରାସ୍ତା ଶେଷ ହେଲା ପରେ ମଧ ରାସ୍ତାର ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ବ୍ୟବସ୍ଥା ରହିଛି। ତେବେ ଏପର୍ଯ୍ୟନ୍ତ ରାସ୍ତାରେ କୌଣସି ମରାମତି କାର୍ଯ୍ୟ କରାଯାଇ ନାହିଁ ବୋଲି ଝଲିଆଗୁଡ଼ା ଗାଁର ପ୍ରହ୍ଲାଦ ଗଣ୍ଡ ଓ ଦେବ ଜାନୀ କହିଛନ୍ତି ।

# ବାମନଗୁଡାରେ ମାଉଳି ମା'ଙ୍କ ବାର୍ଷିକ ଉତ୍ସବ

ମାଥିଲି, ୯।୨(ସୁବାଷ ଚନ୍ଦ୍ର ଖୁଢୁପିଆ )

ମାଲକାନଗିରି ଜିଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ବାମନ ଗୁଡାରେ ଆଦିବାସୀ ପରମ୍ପରା କାର୍ଯ୍ୟକ୍ରମରେ ହୁଣ୍ଡୀ ଶୀତଲାନି ଅନୁଷ୍ଠିତ ହଇଯାଇଛି । ଏଥିରେ ଗାଁ ପୂଜାରୀ ଆଦିବାସୀ ସମାଜ ମୁଖିଆ ହଳଧର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାଁ ଠାକୁରଙ୍କୁ ପୂଜାର୍ଚ୍ଚନା କରି ଆଦିବାସୀ ନୃତ୍ୟକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ପରମ୍ପରେ ରହିଛି ବର୍ଷକୁ ଥରେ ଗାଁର ଠାକୁରଙ୍କୁ ପୂଜାକରି ଥାନ୍ତି । ସେହି ଦିନଗାଁର ଲୋକ କୌଣସି କାମକରି ନ ଥାନ୍ତି । ଯିଏ କାମକରି ଥାଏ ତାକୁ ଜରିମାନା କରିଥାନ୍ତି। ଗାଁର ସମସ୍ତ ମା' ଭଉଣୀମାନେ ମିଶି ଆଦିବାସୀ ନୃତ୍ୟକୁ ରାତି ସାରାବସି ଦେଖିଥାନ୍ତି । ବାର୍ଷିକ ଉତ୍ସବରେ ଗାଁର ସମସ୍ତେ ମା'ଙ୍କ ପାଖରେ ଛେଳି କୁକୁଡ଼ା ବଳି ପକାଇ ଥାନ୍ତି ।



ବାର୍ଷିକ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଚିତ୍ରକୋଣ୍ଡା-କଟକ ସରକାରୀ ବସ୍‌ରେ ଓଡ଼ଶ

ଚିତ୍ରକୋଣ୍ଡା ନ ଯାଇ ବାଲିମେଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲେ ଯାତ୍ରୀ

କୋରୁକୋଣ୍ଡା, ୯।୨(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ବସ୍‌ଷ୍ଟାଣ୍ଡରେ ଚିତ୍ରକୋଣ୍ଡା- କଟକ ସରକାରୀ ବସ୍‌ରେ ଓଡ଼ଶ ଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ପରିବହନ ବିଭାଗ ପକ୍ଷରୁ କଟକରୁ ଚିତ୍ରକୋଣ୍ଡା ଅଭିମୁଖେ ଯାତ୍ରୀଙ୍କୁ ନେଇ ଆସୁଥିବା ଓଡି- ୦୫-ବିସି -୪୧୫୧ ନମ୍ବର ଏସି ବସରେ ଥିବା ସିଟଗୁଡିକରେ ବହୁ ପରିମାଣରେ ଥିବା ଓଡ଼ଶ ରାତିସାରା ଯାତ୍ରୀଙ୍କୁ କାମୁଡିବା ଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଉକ୍ତ ବସ୍‌ଟି ଶନିବାର ସକାଳ ପ୍ରାୟ ୭ଟାରେ ବାଲିମେଳାରେ ପହଞ୍ଚିବା ପରେ ଚିତ୍ରକୋଣ୍ଡା ଅଞ୍ଚଳକୁ ଯିବାକୁ ଥିବା ସମସ୍ତ ଯାତ୍ରୀ ଓଡ଼ଶ ଭୟରେ ବାଲିମେଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ପଡ଼ିଥିଲେ। ଉକ୍ତ ଯାତ୍ରୀମାନେ ଏଠାରୁ ଅନ୍ୟ ଏକ ବସ୍ ଯୋଗେ ଚିତ୍ରକୋଣ୍ଡା ଯାଇଥିଲେ। ବିଭାଗ ପକ୍ଷରୁ ଏହି ବସ୍‌ରେ ଥିବା ଓଡ଼ଶ ପାଇଁ କୌଣସି ପ୍ରକାର ଔଷଧ ସିଞ୍ଚନ କରାଯାଉନାହିଁ । ଫଳରେ ଏହି ବସରେ ବସି ପ୍ରାୟ ୭୦୦ କି.ମି.ପର୍ଯ୍ୟନ୍ତ ଯାତ୍ରା କରୁଥବା ଯାତ୍ରୀମାନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତକ। ବସ୍ ପଛ ଟାୟାରରୁ ତାର ବାହାରି ପଡ଼ିଥିବା ବେଳେ ମାସେ ପୂର୍ବରୁ ଭାଙ୍ଗିଥିବା ଝରକାର କାଚ ଲଗାଯାଉ ନାହିଁ। ଏଭଳି ଅବସ୍ଥାରେ ଥିବା ବସ୍‌କୁ ଡ୍ରାଇଭରମାନେ କଟକରୁ ଯାତ୍ରୀଙ୍କୁ ବସାଇ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ପରିବହନ ବିଭାଗ ଜୟପୁର ଡିଟିଏମ୍ ହୃଷୀକେଶ ଦାସଙ୍କୁ ପଚାରିବାରୁ ମୁଁ କିଛି ଦିନ ପୂର୍ବେ ଏଠାରେ ଜଏନ କରିଛି। ଏ ସମ୍ପର୍କରେ ମୁଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି। ଗାଡ଼ିରେ ଥିବା ସମସ୍ୟା ସମ୍ପର୍କରେ ଡ୍ରାଇଭର ଓ କଣ୍ଡକ୍ଟର ଫୋରମ୍ୟାନଙ୍କୁ ଜଣାଇବା କଥା। ଓଡ଼ଶ ପାଇଁ ଗାଡିର ସିଟଗୁଡିକରେ ମେଡ଼ିସିନ ସ୍ପ୍ରେ କରିବାକୁ କୁହାଯାଇଥିଲା। ଉକ୍ତ ବସଟି କଟକ ଫେରିବା ପରେ ଗାଡିର ଆବଶ୍ୟକ ଥିବା ସମସ୍ତ କାମ କରାଯିବ ବୋଲି କହିଥିଲେ।





GOVERNMENT OF ODISHA
No.A-1033
OFFICE OF THE SUPERINTENDING ENGINEER
AUL EMBANKMENT DIVISION, AUL
Dist. : Kendrapara, Odisha - 754219, Tel/Fax : 06729-295188, Mail id : aulembankment@gmail.com

'e' Procurement Notice No.AED-06 OF 2024-25

1. No. of the work : **36 no. Flood Control & Road works**. 2. Tender Cost : Varies from ₹ 15,67,027.00 to 79,52,701.00. 3. Bid Document Cost : Rs. 10000.00 & 6000.00. 4. Bid Security : Varies from Rs. 15,700.00 to 79,600.00. 5. Class of Contractor : D, C & B Class. 6. Period of Completion : Four calendar months. 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 36 of 2024-25 (36 no. work) | **12.02.2025** 10.00 A.M. | **20.02.2025** 5.00 P.M. | **21.02.2025** 11.00 A.M. |

8. e-mail Id : aulembankment@gmail.com
**9. If required Lottery will be held on dtd.11.03.2025 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in

**Sd./- Superintending Engineer**
**Aul Embankment Division, Aul**
**OIPR-32004/11/0004/2425**

# ବିଭିନ୍ନ ସମସ୍ୟା ରଖିଲେ ଏମ୍‌ପି ପ୍ରତିନିଧି

ସୁନାବେଡା,୯।୨(କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ମାସିକ ବୈଠକରେ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କର ବିଭନ୍ନ ୱାର୍ଡରେ ଥିବା ସମସ୍ୟା ଉପସ୍ଥାପନ କରିଛନ୍ତି। ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ବିଭିନ୍ନ ୱାର୍ଡରେ ଥିବା ରାସ୍ତାଘାଟଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥାର ସୁପରିଚାଳନା ଦିଗରେ ଓ ବିଭିନ୍ନ ୱାର୍ଡରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟ ଖସଡ଼ା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ପୌର ପରିଷଦ ଅଧୀନ ସେମିଳିଗୁଡା ସହର ରାସ୍ତାକଡ଼ ବ୍ୟବସାୟୀଙ୍କୁ ଥଇଥାନ କରିବା, ସେଡ୍‌ର ବ୍ୟବସ୍ଥା,୨୫ ୱାର୍ଡ ପାଇଁ ସିମେଣ୍ଟ ଇଲେକ୍ଟ୍ରିକ ପୋଲର ବ୍ୟବସ୍ଥା, ମେଡିକାଲ ନିକଟରୁ ମଦ ଦୋକାନ ହଟାଇବା,ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ପାଇଁ ସେଡ଼ ନିର୍ମାଣ, ପିଇବା ପାଣି, ଶୌଚାଳୟ ନିର୍ମାଣ, ୧୧ ନଂ ୱାର୍ଡ ହାଲ ଆର ଜୋନ୍‌ରୁ ଫାର୍ମ ଯିବା ରାସ୍ତାକୁ ପିଚୁ କରାଇବା ଏବଂ ୱାଇ ଜୋନ ପାର୍କର ମଡେଲ ପରିବର୍ତ୍ତନ କରିବା ଆଦି ବିଭିନ୍ନ ଦାବି ରଖିଥିଲେ। ବୈଠକରେ ନିର୍ବାହୀ ଅଧିକାରୀ ନାରାୟଣ ନାୟକ,ଉପାଧକ୍ଷା ରିତୁ କଣ୍ଟା,ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ ଓ ଏମ୍‌ଇ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାହାର ରାଜ୍ୟରେ କୋରାପୁଟ ପଣସର ଚାହିଦା ବଢୁଛି





ବିକ୍ରି ପାଇଁ ରହିଥିବା ପଣସ।

ସୁନାବେଡ଼ା,୯।୨(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ଅନେକ ଗାଁ ଓ ପାହାଡ଼ ଜଙ୍ଗଲରୁ ଆଦାୟ ହେଉଥିବା ପଣସର ଚାହିଦା ବାହାର ରାଜ୍ୟଗୁଡିକରେ ବଢ଼ିବାରେ ଲାଗିଛି। ଦଲାଲ ସକ୍ରିୟ ହୋଇଥିବା ବେଳେ ଦୈନିକ କସି ପଣସକୁ ପଡୋଶୀ ରାଜ୍ୟକୁ ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଜିଲାର ନନ୍ଦପୁର, ଲମତାପୁଟ, ବନ୍ଧୁଗାଁ, ନାରାୟଣପାଟଣା, ବୈପାରିଗୁଡ଼ା, ଲକ୍ଷ୍ମୀପୁର ସେମିଳିଗୁଡା ଓ ପଟ୍ଟାଙ୍ଗି ବ୍ଲକର ରାସ୍ତାଘାଟରେ ଛୋଟ ଛୋଟ ମଣ୍ଡି ରହିଛି। ଏହି ପଣସଗୁଡିକୁ ବହୁ କମ୍ ଦରରେ ଲୋକଙ୍କଠାରୁ ନେଇ ବାହାର ରାଜ୍ୟରେ ଚଢା ଦରରେ ବିକି ଲାଭବାନ ହେଉଛନ୍ତି। କିନ୍ତୁ ଏଗୁଡ଼ିକୁ ସଂଗ୍ରହ କରୁଥିବା ଗାଁ ଲୋକେ ଏହାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। କୋରାପୁଟର ଜଙ୍ଗଲି ପଣସରେ ଭିଟାମିନ-ଏ, ଭିଟାମିନ-ବି ୬,ଭିଟାମିନ-ସି, କ୍ୟାଲସିୟମ, ପୋଟାସିୟମ,ଆଇରନ,ଫଲିକଏସିଡ୍, ଥାୟାମିନ ଏବଂ ନିଆମିନ ପରି ଅନେକ ପୋଷକ ତତ୍ତ୍ୱ ରହିଛି। କୋରାପୁଟ ଜିଲା ଅପେକ୍ଷା ପଡୋଶୀ ରାଜ୍ୟରେ ଏହାର ଚାହିଦା ଅଧିକ। ନିୟନ୍ତ୍ରିତ ବଜାର କମିଟି ଏଥିପ୍ରତି ଦୃଷ୍ଟି ଦେଲେ ଚାଲାଣକାରୀ ନିଷ୍କ୍ରିୟ ହୋଇପାରନ୍ତେ। ଡିସେମ୍ବର ଓ ଜାନୁଆରୀରୁ ଫଳୁଥିବା ଏହି ପଣସ ମାର୍ଚ୍ଚ ମାସରେ ବଜାରରୁ ଗାଏବ ହୋଇଯାଉଛି। ଚାଷୀଙ୍କ ପଣସ କିଣା ବିକା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନ ଥିବା ଜଣାପଡ଼ିଛି। ସରକାର ଏଠାରେ ଏକ ପଣସ ପ୍ରୋସେସିଂ ୟୁନିଟ୍ ସ୍ଥାପନ କଲେ ମିଶନ ଶକ୍ତି ମହିଳାଙ୍କ ମାଧ୍ୟମରେ ଏଥିରୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଯଥା, ଚିପ୍ସ, ଆଚାର, ଓ ମଞ୍ଜିରୁ ଅଟା ଆଦି ପ୍ରସ୍ତୁତ ହୋଇପାରନ୍ତା ବୋଲି କୁହାଯାଇଛି। କୋରାପୁଟ ଜିଲାରେ ଥିବା ଉଦ୍ୟାନ, କୃଷି, ଜଙ୍ଗଲ ବିଭାଗ ଓ ଚାଷୀଙ୍କ ଦ୍ୱାରା ପ୍ରାୟ ୮୮୮ ହେକ୍ଟର ଜମିରେ ପଣସ ଗଛ ଲଗାଯାଇଥିବା ଓ ବର୍ଷକୁ ପ୍ରାୟ ୧୩,୭୬୪ ମେଟ୍ରିକ ଟନ୍ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି।

DSPL-382

## ଜାତୀୟ କୃମିନାଶକ ଦିବସ - ୨୦୨୫

ଚଳିତ ଫେବୃଆରୀ ୧୦ ତାରିଖରେ ୨୪ଟି ଜିଲ୍ଲା - ଅନୁଗୁଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ବରଗଡ଼, ଦେଓଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦୁଝର, କୋରାପୁଟ, କେନ୍ଦ୍ରାପଡା, ମାଲ୍‌କାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି। ଏହି ଜିଲ୍ଲା ଗୁଡିକରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲା ଓ ୨୦-୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଏହା ଛଡ଼ା ଅନ୍ୟ ୬ଟି ଜିଲ୍ଲା (ବଲାଙ୍ଗିର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ରାୟଗଡ଼ା)ରେ ଲିମ୍ଫାଟିକ୍ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁସାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଡ଼ି.ଇ.ସି. ବଟିକା ସହିତ କୃମିନାଶକ ଔଷଧ ଖାଇବାକୁ ଦିଆଯିବ ଏବଂ ୧-୨ ବର୍ଷର ପିଲାମାନଙ୍କୁ କେବଳ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ୬ଟି ଜିଲ୍ଲାର ଯେଉଁ ବ୍ଲକ୍‌ମାନଙ୍କରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ହେଉନାହିଁ ସେହି ବ୍ଲକ୍‌ମାନଙ୍କରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଯେଉଁମାନେ ୧୦ ତାରିଖରେ କୌଣସି କାରଣରୁ ଏହି ଔଷଧ ଖାଇପାରିନଥିବେ ସେମାନେ ଫେବୃଆରୀ ୧୭ ତାରିଖରେ ଏହି ଔଷଧ ଖାଇପାରିବେ। ବିଦ୍ୟାଳୟ ଯାଉଥିବା ସମସ୍ତ ପିଲାମାନଙ୍କୁ ଶିକ୍ଷକମାନେ କୃମିନାଶକ ଔଷଧ ଖାଇବାକୁ ଦେବେ। ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ କିମ୍ବା ଆଶା କର୍ମୀ ଏହି ଔଷଧ ଖାଇବାକୁ ଦେବେ।

ଏହା ସହିତ ଫେବୃଆରୀ ମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟୀକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଭିଟାମିନ୍ "କ" ଦ୍ରବଣ ଖାଇବାକୁ ଦିଆଯିବ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0125/2425

# ପେପର୍ କାର୍ଟୁନ୍ କାରଖାନାରେ ଅଗ୍ନିକାଣ୍ଡ

## ବ୍ୟାପକ କ୍ଷୟକ୍ଷତି

ରାୟଗଡ଼ା,୯।୨
(ଆଶିଷ ରଞ୍ଜନ ପଣ୍ଡା)



ପେପର୍ କାର୍ଟୁନ କାରଖାନାରେ ନିଆଁ ଲାଗିଛି।

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡାଠାରେ ଥିବା ପେପର୍ କାର୍ଟୁନ କାରଖାନାରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭୟାବହ ଅଗ୍ନିକାଣ୍ଡ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଖବରପାଇ ରାୟଗଡ଼ା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ପରେ ନିଆଁ ଲିଭା କାମ ସରିଥିଲା। ଏଥିରେ କାରଖାନା ଶ୍ରମିକ ଓ ସ୍ଥାନୀୟ ଲୋକେ ମଧ୍ୟ ସହାୟତା କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ଏହି ଅଗ୍ନିକାଣ୍ଡରେ କୋଟିଏରୁ ଅଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ପେପର୍ କାର୍ଟୁନ ସମେତ କଞ୍ଚାମାଲ ଓ କେମିକାଲ ପୋଡ଼ି ପାଉଁଶ ହୋଇଯାଇଛି। ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଘଟଣାରୁ ପ୍ରକାଶ, ଭାକୁରଗୁଡାସ୍ଥିତ ସତ୍ୟମ ପେପର୍ ଓ ମୁଭର୍ କାରଖାନାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ହଠାତ୍ ଏକ କେମିକାଲ ଗୋଦାମରୁ ନିଆଁ ଲାଗି ପୂରା କାରଖାନାକୁ ବ୍ୟାପି ଯାଇଥିଲା ବୋଲି କାରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏତେବଡ଼ କାରଖାନାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳିକି ନିଆଁ ଲିଭାଇବାକୁ କର୍ମଚାରୀ ମଧ୍ୟ କାରଖାନାରେ ନିଯୁକ୍ତି ପାଇନାହାନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ତଦନ୍ତ ଚାଲିଥିବା ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରା କହିଛନ୍ତି।

# ଭୀମଭୋଇ ସାମର୍ଥ୍ୟ ଶିବିର




ଶିବିରରେ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ କରାଯାଉଛି।

ପଦ୍ମପୁର, ୯।୨ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରବିବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର ଓ ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଶିବିରକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ପ୍ରାୟ ୪୮୦ ଜଣ ଭିନ୍ନକ୍ଷମ ଯୋଗଦାନ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲୋଭିଜନ, ଫାଇଲେରିଆ, କର୍ଣ୍ଣ, ମାନସିକ ରୋଗ, ଲୋକୋମୋଟର, ପାକିନସନ ଡିଜିଜ, ହିମୋଫେଲିଆ, ଥାଲାସେମିଆ, ନ୍ୟୁରୋଜନିକ, ଅର୍ଥୋପେଡି ଭଳି ବିଭିନ୍ନ ରୋଗର ନିଦାନ ନିମନ୍ତେ ବିଶେଷଜ୍ଞ ଡାକ୍ତରୀ ଟିମ୍ ପହଞ୍ଚି ସାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ କୁମାର, ଅସ୍ଥିଶଲ୍ୟ ବିଶେଷଜ୍ଞ ରଞ୍ଜନ କୁମାର ସାହୁ, ଇଏନ୍‌ଟି ବିଶେଷଜ୍ଞ ଡାକ୍ତର ସଂଘମିତ୍ରା ପାତ୍ର, ଡାକ୍ତର ମୀନତିଶତପଥୀ, ଜଗନ୍ନାଥ ନାୟକ, ରାୟଗଡ଼ା ଡିଏସଏସଓ ଡା. ପୁଷ୍ପାଞ୍ଜଳି ଡକ୍ସି, ଓ ଅମରେନ୍ଦ୍ର ନାଥ (ଆରବିଏମ ଏସ), ସବ୍ ଡିଭିଜନ ସ୍ପେସିଆଲ ସେକ୍ରେଟାରୀ ଅଫିସର ଏଲ. ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ ଏହି ଶିବିରରେ ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇଁ ମାପ ନିଆଯିବ, ନୂତନ ଭୀନ୍ନକ୍ଷମ ପଞ୍ଜୀକରଣ, ଭିନ୍ନକ୍ଷମଙ୍କ ନିମନ୍ତେ ଆତ୍ମନିଭର୍ରଶୀଳ, ଭିନ୍ନକ୍ଷମ ପରିବାର ନିମନ୍ତେ ଶିକ୍ଷା, ଭିନ୍ନକ୍ଷମ ମିଶନ କ୍ଷମତା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଭିନ୍ନକ୍ଷମ ଓ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ପାଇଁ ପ୍ରୋତ୍ସାହନ ରାଶି, ବସ ପାସ୍, ଆବାସ ଯୋଜନା, ବରିଷ୍ଠ ଭିନ୍ନକ୍ଷମଙ୍କୁ ସହାୟକ ଯନ୍ତ୍ର, ଆଧାର କାର୍ଡ ପଞ୍ଜୀକରଣ ଆଦିକୁ ପ୍ରୋତ୍ସାହନ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଉମରକୋଟ,୯।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ସୁକିଗାଁ ଗ୍ରାମ ପଞ୍ଚାୟତ ଅଧୀନ ବଡାଡଙ୍ଗରି ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବଡାଡଙ୍ଗରି ଗ୍ରାମର ସହଦେବ ଭତ୍ରା। ସ୍ଥାନୀୟ ଲୋକେ ସକାଳ ପ୍ରାୟ ୮ ଟାରେ ଗାଁ ନିକଟସ୍ଥ ନୀଳଗିରି ଜଙ୍ଗଲ ଭିତରେ ଥିବା ଏକ ବେଲ ଗଛରେ ସହଦେବଙ୍କ ଝୁଲନ୍ତା ମୃତଦେହ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଉମରକୋଟ ହସ୍ପିଟାଲକୁ ନେଇ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏ ନେଇ ୧୩/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ସହଦେବ କିଛି ଦିନ ହେଲା ମାନସିକ ରୋଗରେ ଆକ୍ରାନ୍ତ ଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ୩ ଅନାଥ ଶିଶୁଙ୍କୁ ସହଯୋଗର ହାତ ବଢ଼େଇଲା 'ବିପଦର ବନ୍ଧୁ'



ସଙ୍ଗଠନର କର୍ମକର୍ତ୍ତା ଶିଶୁଙ୍କୁ ଆର୍ଥିକ ସହାୟତା କରୁଛନ୍ତି।

ପଦ୍ମପୁର, ୯।୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ ସିନ୍ଧୁଗୁଡ଼ା ଗାଁର ୩ ଅନାଥ ଶିଶୁଙ୍କୁ ସହଯୋଗର ହାତ ବଢ଼େଇଲା 'ବିପଦର ବନ୍ଧୁ ପଦ୍ମପୁର' ଅନୁଷ୍ଠାନ। ମାତାପିତାଙ୍କ ମତ୍ତ୍ୟୁ ପରେ ବେସାହାରା ହୋଇଥିବା ୩ ଶିଶୁଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ସହ ୨୬୦୦ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି

ସୂଚନାଯୋଗ୍ୟ, ପଦ୍ମପୁର ବ୍ଲକ ସିନ୍ଧୁଗୁଡ଼ା ଗ୍ରାମର ରଷି ଶବର ଏବଂ ତାଙ୍କ ପତ୍ନୀ ସବିତା ଶବର ଜ୍ୱରରେ ପୀଡ଼ିତ ହୋଇ ପ୍ରଥମେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତର ଉଭୟଙ୍କୁ ପାରଳାଖେମୁଣ୍ଡି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଥମେ ସ୍ୱାମୀ ଏବଂ ତା'ର ଘଣ୍ଟାକ ପରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଫଳରେ ମାତାପିତାଙ୍କୁ ହରାଇ ୩ ଶିଶୁ ବେସାହାରା ହୋଇଯାଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ରବିବାର ବିପଦର ବନ୍ଧୁ ପଦ୍ମପୁର ଶାଖା ତରଫରୁ ସହାୟତା ଯୋଗାଇ ଦିଆଯିବା ସହ ଜିଲା ଶିଶୁ ସୁରକ୍ଷା ୟୁନିଟ ଏହି ତିନି ଶିଶୁଙ୍କ ଲାଳନପାଳନ ନିମନ୍ତେ ସରକାରୀ ବିଧି ଅନୁଯାୟୀ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ବିପଦର ବନ୍ଧୁ ପଦ୍ମପୁର ସଭାପତି ସୁଶାନ୍ତ ସାହୁ, କିଶୋର ରାଓ, ଗୋପୀନାଥ ଶବର, ଭାରତ ମିଶ୍ର, ସୁନୀଲ ଆଚାରି, ମଲ୍ଲିକାର୍ଜୁନ ରାଓ, ସନ୍ତୋଷ ବିଷୋୟୀ, କେ ରାଜା ଓ ଅକ୍ଷୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଭାଜପା ଜିଲା ସଭାପତି, ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକଙ୍କ ସହ ଭାଜପା ନେତା।

ନବରଙ୍ଗପୁର, ୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମାଝୀଗୁଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଜପା ପକ୍ଷରୁ ନୂତନ ଜିଲା ସଭାପତି କୁଞ୍ଜ ବିହାରୀ ଦାଶ ଓ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ସମସ୍ତଙ୍କ ସହଯୋଗରେ ଦଳୀୟ କାର୍ଯ୍ୟକ୍ରମ ସୁଚାରୁ ରୁପେ କାର୍ଯ୍ୟକାରୀ କରିବାକୁ କହିଥିଲେ। ଏବେଠାରୁ ହିଁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ଆରମ୍ଭ କରିବାକୁ ପଡିବ ବୋଲି ପୂର୍ବତନ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଶୋଇ କହିଥିଲେ। ଏ ନେଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହି କାର୍ଯ୍ୟ ଆଗକୁ ନେବାକୁ ନିବେଦନ କରିଥିଲେ। ଜିଲା ସଭାପତି ଦାଶ ସମସ୍ତଙ୍କ ସହଯୋଗ କାମନା କରି ଦଳୀୟ କାର୍ଯ୍ୟକ୍ରମଗୁଡିକ କିଭଳି ପରିଚାଳନା ହେବେ ସେ ନେଇ ଆଲୋକପାତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ ରଞ୍ଜନ ଦାଶ ଜିଲା ସଂଗଠନ ଓ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ନେତା ନାରାୟଣ ପାତ୍ର ଦଳ, ସଂଗଠନ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ କର୍ମୀ ଓ କର୍ମକାର୍ତ୍ତାଙ୍କ ଦାୟିତ୍ୱ ନେଇ ଆଲୋଚନା କରିଥିଲେ। ମହିଳା ମୋର୍ଚ୍ଚା ସଭାପତି ଶର୍ମିଷ୍ଠା ଦେଓ ମହିଳା ସଂଗଠନ ସେମାନଙ୍କ ଦାୟିତ୍ୱ ଉପରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଜିଲା ସମ୍ପାଦକ ଅଚ୍ୟୁତା ନନ୍ଦ ବିଶୋଇ ମଞ୍ଚ ପରିଚାଳନା କରିଥିଲେ।

# ପ୍ରେସ୍ କ୍ଲବ ପକ୍ଷରୁ ବନ୍ଧୁମିଳନ

ରାୟଗଡ଼ା,୯।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପ୍ରେସ୍ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ହାଲୁଆ ତୋଟାଠାରେ ଝଞ୍ଜାବତୀ ନଦୀ କୂଳରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ପ୍ରେସ୍ କ୍ଲବ ସଭାପତି ଯୋଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଜିଲାର ଅନେକ ବିକାଶମୂଳକ କାର୍ଯ୍ୟରେ ପ୍ରେସ୍ କ୍ଲବ ସହଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ପାଇଁ ସମସ୍ତ ସଦସ୍ୟ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସକ୍ଲବ ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ, ଉପସଭାପତି ସି.ଏଚ. ଶ୍ରୀନିବାସ, ଉପଦେଷ୍ଟା କୃଷ୍ଣ କୁମାର ଜେନା, କୋଷାଧ୍ୟକ୍ଷ ସୀମାଞ୍ଚଳ ପଣ୍ଡା, ବରିଷ୍ଠ ସଭ୍ୟ ଗୋପ ରଞ୍ଜନ ବକ୍ସିପାତ୍ର, ସଂଗ୍ରାମ ପଟ୍ଟନାୟକ, ବାଳକୃଷ୍ଣ ପଟ୍ଟନାୟକ, ନୀତିନ ଚୌଧୁରୀ, ସୁଶାନ୍ତ ଦାସ, ସନ୍ତୋଷ ସାହୁ, ବି. ଶ୍ରୀନିବାସ, ରଘୁନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରେସ କ୍ଲବର କର୍ମକର୍ତ୍ତା।

# ଠାକୁର ଅନୁକଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

କୋରାପୁଟ, ୯।୨(ଅମିତାଭ ବେହେରା)



ଭକ୍ତମାନେ ଶୋଭାଯାତ୍ରା କରୁଛନ୍ତି।

କୋରାପୁଟ ମାଳିସାହିସ୍ଥିତ ସତ୍‌ସଂଘ ବିହାରରେ ଠାକୁର ଅନୁକୁଳଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ ଓ ୧୭ତମ ଜିଲାସ୍ତରୀୟ ବାର୍ଷିକ ସତ୍‌ସଂଘ ରବିବାର ପାଳିତ ହୋଇଯାଇଛି। ଉଷାକିର୍ତ୍ତନ, ସମବେତ ପ୍ରାତଃ ବିନତୀ ପ୍ରାର୍ଥନା କରାଯାଇଥିଲା। ଶତାଧିକ ଭକ୍ତ ଠାକୁରଙ୍କ ବିଗ୍ରହ ସହ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ରଥ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ରଘୁନାଥ ବସ୍ତିଆ, କୋରାପୁଟ ମ୍ୟୁନିସିପାଲଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା, ଜୟପୁର, ଦାମନଯୋଡି, କୋଲାବନଗର, କାକିରିଗୁମ୍ମା ଓ ସେମିଳିଗୁଡା ଆଦି ଅଞ୍ଚଳର ଶତାଧିକ ଭକ୍ତ ଯୋଗ ଦେଇଥିଲେ। ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାଜକ ମହେଶ୍ୱର ଦାସ, ବଲ୍ଲଭ ଦାସ, ପ୍ରଭାତ ଦାସ, ଅଜୟ କୁମାର ଭଦ୍ର,ପିତବାସ ପଣ୍ଡା ଓ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌନ ନିର୍ଯାତନା, ପ୍ରତିରୋଧ ସମ୍ପର୍କିତ ଆଇନ ସଚେତନତା

ନବରଙ୍ଗପୁର,୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ପରିସରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଏବଂ ଏହାର ପ୍ରତିରୋଧ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ଯୋଗଦେଇ ଯୌନ ନିର୍ଯାତନା ନିଷେଧ ଓ ନିରାକରଣ ଆଇନ–୨୦୧୩ ଓ ମାନସିକ ସ୍ୱାସ୍ଥ୍ୟ ଆଇନ ଉପରେ ଆଲୋକୋପାତ କରିଥିଲେ। ମହିଳା ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ପ୍ୟାନେଲ ଲଏର ଓ ଜିଲା କୋର୍ଟ କର୍ମଚାରୀଙ୍କୁ ଉକ୍ତ ଆକ୍ଟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ୍ ଲିଲିପ୍ସା ପସାୟତ, ଅତିରିକ୍ତ ଜିଲା ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ପୋକସୋ) ବାସୁଦେବ ଆଚାର୍ଯ୍ୟ, ଅତିରିକ୍ତି ଜିଲା ଚିକିତ୍ସା ଅଧିକାରୀ ମଳୟ କୁମାର ତ୍ରିପାଠୀ, ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ, ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ, ନବରଙ୍ଗପୁର ମହିଳା କୋର୍ଟ ବରିଷ୍ଠ ଦେୱାନୀ ଜଜ୍ ସୁଦୀପା ପାତ୍ର, ଜିଲା କୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟ ଶଙ୍କର ମହନ୍ତ, ସୁଶ୍ରୀ ନନ୍ଦ, ମାନସିକ ରୋଗ ପରାମର୍ଶଦାତା ଆଇନଜୀବୀ ସଂଘର ସମ୍ପାଦକ ତପନ କୁମାର ସିଂହ ମଞ୍ଚାସୀନ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ସଚେତନତା ଶିବିର ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାର ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

# ହଷ୍ଟେଲ ମେସ୍ ଦାୟିତ୍ୱରୁ ମୁକ୍ତ କରିବାକୁ ଅନୁରୋଧ

## ଏସ୍‌ସି,ଏସ୍‌ଟି ଉନ୍ନୟନ କମିଟି ଅଧ୍ୟକ୍ଷଙ୍କ ସହ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଆଲୋଚନା

ନବରଙ୍ଗପୁର,୯।୨(ସଦାଶିବ ପ୍ରହରାଜ)



ସଂଘ କର୍ମକର୍ତ୍ତା ବିଧାୟକ ମନୋହର ରନ୍ଧାରୀଙ୍କୁ ଫୁଲତୋଡା ଦେଉଛନ୍ତି।

ନବରଙ୍ଗପୁର ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ମନହୋର ରନ୍ଧାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ହଷ୍ଟଲର ମେସ୍ ଦାୟିତ୍ୱରୁ ଶିକ୍ଷକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଦାବି କରିଛି। ଏହି ଅବସରରେ ରାଜ୍ୟ ସଂଘର ସହ ସମ୍ପାଦକ ରଞ୍ଜନ କୁମାର ବେହେରା, କୋଷାଧ୍ୟକ୍ଷ କାଳୀକିଙ୍କର ପଟ୍ଟନାୟକ, ନବରଙ୍ଗପୁର ଜଲା ସଂଘର ଉପଦେଷ୍ଟା ସାଧୁରାମ ଭତରା, ସଭାପତି ହୃଷୀକେଶ ସାହୁ, ଉପସଭାପତି ସପନ ହଲଦାର, ହର ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସତ୍ୟ ନାରାୟଣ ପାତ୍ର, ଅଡିଟର ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରା, ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, ବ୍ଲକ କାର୍ଯ୍ୟକାରୀ ସଭ୍ୟ ଅରୁଣ କୁମାର ଷଡଙ୍ଗୀ, ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମେସ୍ ଦାୟିତ୍ୱରୁ ଶିକ୍ଷକଙ୍କୁ ତୁରନ୍ତ ବିରତି, ଏଲିମେଣ୍ଟ୍ରି କ୍ୟାଡର ସୃଷ୍ଟି , ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦରମାଗତ ଅସଂଗତି, ଗଣ ଶିକ୍ଷା ବିଭାଗ ଭଳି ଶିକ୍ଷା ନିରୀକ୍ଷକ ପଦବୀ ଏବଂ ଏଥି ସମ୍ବନ୍ଧିତ ଅନ୍ୟାନ୍ୟ ପଦବୀ ସୃଷ୍ଟି , ଶିକ୍ଷାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଧିକ ଶିକ୍ଷକ ପଦବୀ ସୃଷ୍ଟି କରିବା, ପୋର୍ଟାଲ ଜରିଆରେ ବଦଳି ଆବେଦନ, ନିୟମିତ ହୋଇଥିବା କଣ୍ଟ୍ରାଚୁଆଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏସ.ଓ.ପି. ଲାଗୁ କରିବା, କ୍ରୀଡ଼ା ଶିକ୍ଷକଙ୍କୁ ୨୮୦୦ ମୂଳ ଦରମା ପ୍ରଦାନ, ହିନ୍ଦୀ ସଂସ୍କୃତ ଶିକ୍ଷକଙ୍କ ଦରମାଗତ ତାରତମ୍ୟ ଦୂର କରିବା ଇତ୍ୟାଦି ସମସ୍ୟା ଜଣାଇଥିଲେ। କମିଟି ଅଧ୍ୟକ୍ଷ ରନ୍ଧାରୀ ସମସ୍ତ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ଅଳ୍ପ ଦିନରେ ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରାଯିବା ନିମନ୍ତେ ସଂଘର ସଭ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଟି.ଶ୍ରୀକାନ୍ତ, ମୀନକେତନ ବେହେରା, ଆସମାନି ହେମ୍ବ୍ରମ, ଉମା ଶଙ୍କର ଗୌଡ, ବିଶ୍ୱମ୍ବର ନାୟକ, ପ୍ରଶାନ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସାକ୍ଷାତ ଅବସରରେ ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ରାନ୍ଧାରୀଙ୍କୁ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବଭଳି ଏକ୍ସକର୍ସନ ବ୍ୟବସ୍ଥା ଲାଗୁକଲେ ଆଦିବାସୀ ଅଧୁଷିତ ଜିଲାର ଛାତ୍ରୀଛାତ୍ର ବିଭିନ୍ନ ପର୍ଯ୍ୟଟନସ୍ଥଳ ଅନ୍ତତଃ ଦେଖି ଭିନ୍ନ ଅନୁଭୂତି ପାଇବେ ବୋଲି ଅନୁରୋଧ କରିଥିଲେ। ଏହି ପ୍ରସ୍ତାବ ରେ ରନ୍ଧାରି ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ବିଦ୍ୟାଳୟସ୍ତରରେ ତୁରନ୍ତ ଲାଗୁ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପୂର୍ବରୁ ପଟ୍ଟନାୟକ ଅନୁରୂପ ଭାବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ମଧ୍ୟ ଏ ସମ୍ପର୍କରେ ଅନୁରୋଧ କରିଥିଲେ।

# ୧୩ରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ଇପିଏଫ୍ ପେନ୍‌ସନର୍ସ

ଜୟପୁର,୯।୨(ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଇପିଏଫ୍ ପେନସନର୍ସ ଆସୋସିଏଶନ୍ କମିଟି ସଦସ୍ୟମାନେ ଫେବୃଆରୀ ୧୩ରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ। ଜୟପୁର ଯାଦବ ଭବନରେ ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ବଜେଟରେ ଇପିଏସ୍-୯୫ ପେନ୍‌ସନଭୋଗୀଙ୍କୁ ଅଧିକ ପେନସନ ଦେବା ବ୍ୟବସ୍ଥା କରିବେ ବୋଲି ସଦସ୍ୟ ଆଶା ବାନ୍ଧିଥିଲେ। ଏହାକୁ ପ୍ରତିବାଦ କରି ସାରା ଦେଶରେ ପେନସନ୍‌ଭୋଗୀ ଆନ୍ଦୋଳନକୁ ଜୋରଦାର କରିବାକୁ ପ୍ରସ୍ତୁତ ହେଉଛନ୍ତି। ସମସ୍ତ ଜିଲାରୁ ଅବସରପ୍ରାପ୍ତ ଶ୍ରମିକ ଯାଇ ଧାରଣାରେ ସାମିଲ ହେବେ। କାର୍ଯ୍ୟକ୍ରମରେ ବସନ୍ତ ବେହେରା, ଉମା ରଥ, କ୍ରିଷ୍ଣା ରାଓ ଓ ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଯୋଜନା ନେଇ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟ



କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲାପାଳ ଓ ଅନ୍ୟ ଅତିଥିମାନେ।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

କୋରାପୁଟ,୯।୨(ଅମିତାଭ ବେହେରା)

କୋରାପୁଟ ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ଓ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ପ୍ରାରମ୍ଭରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଲକ୍ଷ୍ମୀଧର ବେହେରା କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ମେଳା ଆୟୋଜିତ ହୋଇଥିବା ଜିଲାପାଳ ଭାସନ କହିଛନ୍ତି। ରାଜ୍ୟ ସରକାରଙ୍କ ନୂତନ କାମଧେନୁ ଯୋଜନାରେ ଏ ପର୍ଯ୍ୟନ୍ତ ୧୦୦ ଆବେଦନ ପତ୍ର ଅନୁମୋଦନ କରାଯାଇଥିବା ସେ କହିଛନ୍ତି। ଚାଷୀଙ୍କର ଆୟ ଦ୍ୱିଗୁଣିତ ହେବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଚାଷୀଙ୍କ ପାଖରେ ପହଞ୍ଚିବା ନେଇ ଜିଲାସ୍ତରୀୟ ମେଳା ଆୟୋଜନ କରାଯାଉଥିବା ମାଛ କହିଛନ୍ତି। ଏଥିରେ ୩ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୈବ ପୁଞ୍ଜି ମହିଳା ମାଛ ଚାଷୀ ଫୁଲମତି ଭୁମିଆ,କୁକୁଡ଼ା ଚାଷୀ ପର୍ଶୁରାମ ମୁଦୁଲି ଏବଂ ଗୋପାଳକ ରମେଶ ନାଗଙ୍କୁ ୫ ହଜାର ଟଙ୍କା ଲେଖାଏଁ ଚେକ୍ଅତିଥି ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଭରତ ଭୁଷଣ ସାହୁ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବି. ଦାସ ପରିଚାଳନା କରିଥିଲେ।

# ଫାମ୍ପୁଣି ଜଙ୍ଗଲର ବନ୍ଦ ଆଉଟ୍‌ଲେଟ୍‌କୁ ଖୋଲିଲା ପ୍ରଶାସନ



ଆଉଟ୍‌ଲେଟ ଖୋଲିବା ସମୟରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ଜମିରେ ମାଡ଼ିଲା ପାଣି

ଜୟପୁର,୯।୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ କାଳିଆ ଗାଁ ଜମିକୁ ପ୍ରଶାସନ ଦ୍ୱାରା ପାଣି ମଡାଇବା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଉପଜିଲାପାଳ ଆକାବରମ୍ ଶସ୍ୟା ରେଞ୍ଜୀଙ୍କ ନିର୍ଦ୍ଦେଶରେ ଫାମ୍ପୁଣି ଜଙ୍ଗଲରେ ବନ୍ଦ ହୋଇଥିବା ଆଉଟଲେଟକୁ ରବିବାର ଖୋଲାଯାଇଛି। ଏ ନେଇ ଅତିରିକ୍ତ ତହସିଲଦାର ଦିବାକର ପାତ୍ର, ସୁପରଭାଇଜର ହରିହର ଶତପଥୀ, ଦିଲ୍ଲୀପ ପ୍ରଧାନ, ଆରଆଇ ତିରେନ ଚାଲାଣ, ଇରିଗେଶନ ବିଭାଗର ଏସଡିଓ ଏବଂ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଜେସିବି ଦ୍ୱାରା ଆଉଟଲେଟକୁ ଖୋଲାଯାଇ ଜମିକୁ ପାଣି ଛଡ଼ାଯାଇଛି। ଏଥିରେ ଚାଷୀ କୃପାକର ପାଢ଼ୀ, କୈଳାସ ସାହୁ,ଚଇନ ପାଢ଼ୀ, ଘନ ପରଜା, ଭଗବାନ ହରିଜନ,ଶିଳାନନ୍ଦ ହରିଜନ, ଜୟା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଫେବୃଆରୀ ୭ରେ ଚାଷୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କାଳିଆ ଗାଁରେ ଚାଷୀଙ୍କ ଜମିକୁ ପାଣି ଆସୁ ନ ଥିବାରୁ ଚାଷରେ ଅସୁବିଧା ହେଉଥିବା ଜଣାଇ ଜମିକୁ ପାଣି ଆସିବା ନେଇ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଚାଷୀଙ୍କ ଅଭିଯୋଗକୁ ଗୁରୁତର ସହ ନେଇ ଉପଜିଲାପାଳ ରେଞ୍ଜୀ ଆଉଟଲେଟକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସେବା କାଗଜ କଳ ଶ୍ରମିକ ସଂଘ ବୈଠକ

ଜୟପୁର,୯।୨(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ଏଆଇଟିୟୁସି ସହବନ୍ଧିତ ଫାଷ୍ଟ ୟୁନିଅନର ଏକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଗଣ କନଭେନସନ୍ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦୀର୍ଘ ସାତ ମାସର ଦରମା ନ ଦେବାରୁ ଏବଂ ଶ୍ରମିକମାନଙ୍କ ପିଲା ମାନଙ୍କ ସ୍କୁଲ କଲେଜ ଆଡମିଶନ ଦୃଷ୍ଟିରୁ ତୁରନ୍ତ ସମୁଦାୟ ଦରମା ଦୁଇଟି କିସ୍ତିରେ ଦେବା ପାଇଁ ମ୍ୟାନେଜମେଣ୍ଟ ପାଖରେ ଦାବି କରାଯିବ ବୋଲି ଆଲୋଚନା ହୋଇଛି। ଏହା ସହ ମାଲିକାନା ପରିବର୍ତ୍ତନ କରି ନୂଆ ମୁଖ୍ୟ ସଂରକ୍ଷକ ପରିବର୍ତ୍ତନ ପାଇଁ ପୁଣି ଏକ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ କରିଥିବାରୁ ଏହାକୁ ସାର୍ବଜନୀନ କରିବା ସହ ଶ୍ରମିକମାନଙ୍କ ସର୍ତ୍ତ ଖୋଲାଖୋଲି ଆଲୋଚନା ଓ ସମସ୍ତ ଶ୍ରମିକଙ୍କର ପିଏଫ୍ ସମସ୍ୟା ସମାଧାନ କରିବାକୁ ଦାବି କରାଯିବ। ଶ୍ରମ ବିଭାଗ ଅଫିସ୍ ଆଗରେ ଧାରଣା ଦେବା ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରରେ ଧାରଣା ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଅଲେଖ ପାତ୍ର,କେ. ସତ୍ୟନାରାୟଣା, ବସନ୍ତ ବେହେରା ଓ ରବିନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

# ଶିକ୍ଷକ ଶିକ୍ଷା କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ



କ୍ରୀଡ଼ା ଉତ୍ସବରେ ସାମିଲ ଛାତ୍ରୀଛାତ୍ର।

କୋରାପୁଟ,୯।୨(ଅମିତାଭ ବେହେରା)

କୋରାପୁଟ ପୋଲିସ ପଡିଆରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଏସ୍‌ପି ରୋହିତ ବର୍ମା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ମଶାଲ ଶୋଭାଯାତ୍ରା ମୁତ୍ୟାଲ ମା'ଙ୍କ ମନ୍ଦିରରୁ ବାହାରି ପୋଲିସ ପଡିଆରେ ସ୍ଥାପନା କରାଯାଇଥିଲା। କ୍ରୀଡ଼ା ଏକ ଜୀବନଶୈଳୀ ଯେଉଁଥିରେ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ଉନ୍ନତି ହୋଇଥାଏ ବୋଲି ଅତିଥି କହିଛନ୍ତି। ଛାତ୍ରୀଛାତ୍ର ବିଭିନ୍ନ ଜୁମ୍ବା ନୃତ୍ୟ ପରିବେଷଣ କରିଥିଲେ। ୨୫ଟି କ୍ରୀଡ଼ା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀରେ ପ୍ରଫେସର ପ୍ରଦୀପ କୁମାର ଡାଙ୍ଗ ଓ ପୂର୍ବତନ ଅଧ୍ୟକ୍ଷ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଉପେନ୍ଦ୍ର ଶବର ଓ ସସ୍ମିତା ନାୟକ ଉପସ୍ଥିତ ଥିଲେ। ଜୟଦେବ ଜାକାକା ଓ ମୋହିନୀ ବିଷୋୟୀ କ୍ରୀଡା ସଚିବ ଦାୟିତ୍ୱରେ ଥିଲେ।

# ଉପଜିଲାପାଳଙ୍କୁ ଭେଟିଲେ ବସ୍‌ଷ୍ଟାଣ୍ଡ ବ୍ୟବସାୟୀ

ଜୟପୁର,୯।୨(ପବନ ପାଣିଗ୍ରାହୀ)

ଜୟପୁର ନୂତନ ସରକାରୀ ବସଷ୍ଟାଣ୍ଡରେ ଅଗ୍ରାଧିକାର ଭିତ୍ତିରେ ଗୋଟିଏ ଲେଖାଏ ଷ୍ଟଲ ପାଇବା ପାଇଁ ପୁରୁଣା ବସଷ୍ଟାଣ୍ଡର ବ୍ୟବସାୟୀମାନେ ହାଇକୋର୍ଟର ଦ୍ୱାରସ୍ଥ ହେବା ସହ ଏ ନେଇ ଉପଜିଲାପାଳ ଆକାବରମ ଶସ୍ୟା ରେଞ୍ଜୀଙ୍କୁ ଭେଟିଛନ୍ତି। ମାମଲାର ଶୁଣାଣି ନ ହେବା ଯାଏ ସ୍ଥଗିତାଦେଶ ବଜାୟ ରଖିବା ପାଇଁ କହିଛନ୍ତି। ଷ୍ଟଲ ଆବଣ୍ଟନ ପ୍ରକିୟାକୁ କିଛି ଦିନ ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ। ଉପଜିଲାପାଳ ସେମାନଙ୍କୁ ସହମତି ଜଣାଇଛନ୍ତି। ନୂଆ ଓଏସ୍ଆରଟିସି ଷ୍ଟଲ, ଡର୍ମିଟୋରି ଏବଂ ହୋଟେଲ ଭଡ଼ା ସୁତ୍ରରେ ଦିଆଯିବା ପ୍ରକିୟା ବର୍ତ୍ତମାନ ସୁଦ୍ଧା ଅଧାପନ୍ତରିଆ ହୋଇରହିଛି। ପୁରୁଣା ବସଷ୍ଟାଣ୍ଡ ଦୋକାନୀଙ୍କ ସହଯୋଗ ନ ଥିବାରୁ ୧୨ଟି ଷ୍ଟଲ କାହାକୁ ଦିଆଯାଇ ନାହିଁ। ସେମାନେ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବା ସହ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି। ଅନ୍ୟପକ୍ଷରୁ ବିଡ୍‌ର ଆଗରେ ଥିବା ବ୍ୟବସାୟୀଙ୍କୁ ବଳକା ଷ୍ଟଲ ପ୍ରଦାନ ଲାଗି ପ୍ରକିୟା ସରିଯାଇଛି। କିନ୍ତୁ ଆଜି ସୁଦ୍ଧା ତାଲିକା ପ୍ରକାଶ ପାଇ ନାହିଁ। ପୁରୁଣା ଷ୍ଟଲ ମାଲିକମାନେ ଉପଜିଲାପାଳ ରେଞ୍ଜୀଙ୍କୁ ଭେଟି ଦାବି ଜଣାଇଥିଲେ। ସୂଚନାଯୋଗ୍ୟ, ଜାନୁଆରୀ ୨୦ରେ ଷ୍ଟଲ ଆବଣ୍ଟନ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ୫ହଜାର ଟଙ୍କା ନଗଦ ଥିବା ଡିଡି ଆକାରରେ ଦେଇ ଫର୍ମ କିଣିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଥିଲା। ଫେବୃଆରୀ ୪ ସୁଦ୍ଧା ଫର୍ମ ଦାଖଲ ଏବଂ ୫ରେ ଟେଣ୍ଡର ବାକ୍ସ ଖୋଲାଯିବ। ମାସକୁ ଜିଏସ୍‌ଟି ବାଦ ସର୍ବନିମ୍ନ ଭଡ଼ା ଷ୍ଟଲ ପାଇଁ ୩ ହଜାର, ତଳମହଲା ହୋଟେଲ ୧୦ ହଜାର ଏବଂ ଦ୍ୱିତୀୟ ମହଲା ହୋଟେଲ ବାବଦରେ ୬ ହଜାର ଟଙ୍କା ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଷ୍ଟଲ ଆବଣ୍ଟନ ହୋଇନଥିବାରୁ ଷ୍ଟଲ ସିକ୍ୟୁରିଟି ବାବଦରେ ଅଧିକ ଟଙ୍କା ଥିବା ଯୋଗୁ ବିଡ୍‌ରେ ୩ ଷ୍ଟଲ ମାଲିକ ଟେଣ୍ଡର ପାଇଥିବା ପେପର ଫେରସ୍ତ କରିଛନ୍ତି।

# ଜୟପୁର ସହରରେ ଭାଲୁ ଆତଙ୍କ

ଜୟପୁର, ୯।୨ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ଭାଲୁ ଆତଙ୍କ ଦେଖାଦେଇଛି। ଶନିବାର ରାତିରେ ଜୟପୁର ସହର ଖ୍ରୀଷ୍ଟିଆନ ପେଟା ଅଞ୍ଚଳର ଡିଆଇସି ଅଫିସ ନିକଟ ବିଶ୍ୱ ନଗରରେ ଭାଲୁ ବୁଲୁଥିବା ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ଏହି ଭିଡିଓ ଭାଇରାଲ ହେବା ପରେ ଅଞ୍ଚଳରେ ଭୟ ବାତାବରଣ ରହିଛି।



ସିସିଟିଭିରେ କଏଦ ହୋଇଥିବା ଭାଲୁ।

# କୁନ୍ଦୁରା ଭାଜପାର ବିଜୟ ଉତ୍ସବ ପାଳନ

କୁନ୍ଦୁରା,୯।୨(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସଦର ମହକୁମା ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ପ୍ରତିନିଧି ଅମ୍ବୁ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଦିଲ୍ଲୀରେ ବିପୁଳ ସମର୍ଥନ ପାଇ ଭାଜପା ବହୁମତରେ ଭୋଟ ହାସଲ କରିବା ଖୁସିରେ କୁନ୍ଦୁରା ବ୍ଲକର ସମସ୍ତ ଭାଜପା କାର୍ଯ୍ୟକର୍ତ୍ତା ଦଳୀୟ ପତାକା ଧରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନାମରେ ବିଜୟ ଧ୍ୱନି ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପ୍ରତି ଗାଁ, ବୁଥ ଏବଂ ପଞ୍ଚାୟତ ସଦର ମହକୁମାରେ ବିଜୟ ଉତ୍ସବ ପାଳନ କରିବାକୁ ମଣ୍ଡଳ ପ୍ରତିନିଧି ଅମ୍ବୁ ପାତ୍ର ଅନୁରୋଧ କରିଛନ୍ତି। ଉତ୍ସବରେ କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ,ଦିଗାପୁର ମଣ୍ଡଳ ସଭାପତି ଧନପତି ପରଜା,କୋରାପୁଟ ଜିଲା ଭାଜପା ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ଭଗବାନ ପଣ୍ଡା,ତୁଷାର ଭଞ୍ଜ, ପର୍ଶୁ ଘିଉରିଆ ଓ ପଦ୍ମନ ଗୌଡ଼ ପ୍ରମୁଖ ଉପସ୍ଥିତି ଥିଲେ।



କୁନ୍ଦୁରା ଭାଜପା କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରୁଛନ୍ତି।

# ଆକ୍ରମଣ ଅଭିଯୋଗ

ଜୟପୁର,୯।୨(ପବନ ପାଣିଗ୍ରାହୀ)

ଜୟପୁର ନଡିଆବାଡ ସାହି ଅଞ୍ଚଳରେ ଥିବା ଖୋଲ ସ୍ଥାନରେ ଗଣ୍ଡଗୋଳ କରି ଜୀବନର ମାରି ଦେବାକୁ ଉଦ୍ୟମ କରୁଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। କେ.କଟେଶ୍ୱର ରାଓ ସକାଳୁ ଭୋଜି ଥିବା ଯୋଗୁ ଘର ପାଖରେ କାମ କରୁଥିଲେ। ରାତି ପ୍ରାୟ ୧ଟାରେ ଘର ନିକଟରେ ଥିବା ଖାଲି ସ୍ଥାନରେ ୬ ଜଣ ଯୁବକ ପାଟି ତୁଣ୍ଡ କରୁଥିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିଲେ। ସହି ନପାରି କଟେଶ୍ୱର ସେମାନଙ୍କୁ ସେହି ସ୍ଥାନରୁ ଚାଲିଯିବାକୁ କହିଥିଲେ। ୬ ଜଣ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଘର ଉପରକୁ ଟେକା ପଥର ମାରିଥିଲେ। କଟେଶ୍ୱରଙ୍କ ଘରେ ପଶି ତାଙ୍କ ଭାଇ ଓ ମା'ଙ୍କୁ ମଧ ମାରିବାରୁ ଭାଇଙ୍କ ମୁଣ୍ଡ ଫାଟି ଯାଇଛି ଏବଂ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନକଲି ଜାଗାରେ ଅସଲି କୋଠା

## ତହସିଲ କହିଲା ପରିଷଦରେ ଏପରି ଜାଗା ନାହିଁ

ସୁନାବେଡ଼ା/ସେମିଳିଗୁଡା,୯।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌରାଞ୍ଚଳରେ ଇଣ୍ଟିଗ୍ରେଟଡ଼ ହେଲଥ ସେଣ୍ଟର ନିର୍ମାଣ ପାଇଁ ୨୦୨୨ ଅଗଷ୍ଟ ୫ରେ ଜୟପୁର ନୂଆସାହି ଅଞ୍ଚଳର ସାଇରାମ ଏଜେନ୍ସି ମାଲିକ ସୁନିତା ମିଶ୍ର ଆବେଦନ କରିଥିଲେ। ଯାହାକୁ ନେଇ ୨୦୨୩ ଫେବୃଆରୀ ୩ ରେ କାଉନସିଲ୍ ବୈଠକରେ ଏହା ଗୃହୀତ ହେବା ସହ ସୁନାବେଡା ପୌର ପରିଷଦ ଅଧିନ ବିଜୁ ପଟ୍ଟନାୟକ ଭେଣ୍ଡିଂ ଜୋନ ପରିସର କାକି ମୌଜା ଅନ୍ତର୍ଗତ ପ୍ଲଟ ନଂ ୯୭୮,ଖାତା ନଂ ୧୩୨/୪ କୁ ସମ୍ପୃକ୍ତ ସଂସ୍ଥାକୁ ଗୋଟିଏ ମହଲା ବିଶିଷ୍ଟ କୋଠା ନିର୍ମାଣ କରିବାକୁ ଚୁକ୍ତି ହୋଇଥିଲା। ହେଲେ ଆଶ୍ଚର୍ଯ୍ୟର ବିଷୟ ସଂସ୍ଥାକୁ ଦିଆଯାଇଥିବା ସେପରି କୌଣସି ପ୍ଲଟ୍ ପୌରାଞ୍ଚଳରେ ନ ଥିବା ତହସିଲ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନକଲି ଜାଗାରେ ଅସଲି କୋଠା ନିର୍ମାଣ ହୋଇଛି। ଯାହା ସୂଚନା ଅଧିକାର ବଳରେ ମଗା ଯାଇଥିବା ତଥ୍ୟ କହୁଛି। ତା'ଛଡ଼ା ପୌର ପ୍ରଶାସନ ସହ ସମ୍ପୃକ୍ତ ସଂସ୍ଥାର ହୋଇଥିବା ଚୁକ୍ତି ଅନୁସାରେ କେବଳ ଗୋଟିଏ ମହଲା ବିଶିଷ୍ଟ କୋଠା ନିର୍ମାଣ କରିବା କଥା, କିନ୍ତୁ ସେହି ସ୍ଥାନରେ ଏକ ୩ ମହଲା ଅଟ୍ଟାଳିକା ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଯାହା ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ରୂପେ ଖିଲାପ କରୁଥିବା ସ୍ପଷ୍ଟ ହୋଇଛି। ଏଠି ପ୍ରଶ୍ନ ଉଠୁଛି ପୌର ପାଳିକା ଅଧିନରେ ସେମିତି କୌଣସି ପ୍ଲଟ,ଖାତା କିମ୍ବା ମୌଜା ନ ଥିବା ବେଳେ ସମ୍ପୃକ୍ତ ଏଜେନ୍ସିକୁ କେଉଁ ସ୍ଥାନରେ ନିର୍ମାଣ ପାଇଁ ମଞ୍ଜୁରୀ ଦିଆଗଲା। ଏହା ବ୍ୟତୀତ ସଂସ୍ଥା କାହା ପ୍ରରୋଚନାରେ ୩ ମହଲା ଘର ନିର୍ମାଣ କଲା, ପୌର ପ୍ରଶାସନ ସେଗୁଡିକ ତଦାରଖ କରିଥିଲା ନା ଅନୁମତି ଦେଇ ନୀରବ ରହିଲା ତା'ର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଯାହାକୁ ନେଇ ପୌର ଅଧ୍ୟକ୍ଷ ଡ.ରାଜେନ୍ଦ୍ର କୁମାର ପାତ୍ରଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୦୭୦୦୬୫ କୁ ବାରମ୍ବାର ଫୋନ କରିଥିଲେ ମଧ ସେ କଲ ଗ୍ରହଣ କରି ନ ଥିଲେ । ଅନ୍ୟପଟେ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଯେଉଁ ସମୟରେ ଏହା ଅନୁମୋଦନ ହୋଇଥିଲା ସେହି ସମୟରେ ସେ ଏଠାରେ ନ ଥିଲେ । ତେଣୁ ଯଦି ଏପରି କିଛି ହୋଇଥାଏ ତାହା ଦେଖିବା ପରେ କହି ପାରିବେ ବୋଲି ନାୟକ କହିଛନ୍ତି ।



ନିର୍ମାଣ ହୋଇଥିବା ୩ ମହଲା ଅଟ୍ଟାଳିକା।



OFFICE OF THE
MUNICIPAL COUNCIL SUNABEDA

No. 519 Date: 03-02-2023

To,
Smt Sunita Mishra (Sairam Agency)
New Street, 1st Lane, Opp.Jagatjanani Patahagar
Jeypore, Koraput

Sub:- Permission for Cosnt. Of Integrated Health Centre (Ground Floor), in Plot No-978, Khata No-132/04, Mouza- Kaki near Biju Patnaik Vending Zone, Semiligude on lease basis.

Ref:- Your application Dt-05.08.2022.
Your Agreement Dt-03.02.2023.

Madam,
After careful consideration of your application Dt-05.08.2023 & this Municipality Council Resolution No-06(II) Dt-06.08.2022 and Agreement Dt-03.02.2023, permission is hereby accorded in your favour for Cosnt. of Integrated Health Centre (Ground Floor) Vide Plot No-978, Khata No-132/04, Mouza- Kaki near Biju Patnaik Vending Zone, Semiligude on lease basis. The construction will made in your own expenditure as per approved estimate of this municipality. The work will be done under the supervision of this office Engineering In-Charge.

This is for your information and necessary action.

By the Order of Chairperson
Executive Officer
Sunabeda Municipality

Memo No 520 / Dt-03-02-2023
Copy to Sri Arun Kumar Nayak, Junior Engineer of Sunabeda Municipality for information & necessary action.


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧
ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ ପୈଠ କରାଯାଇପାରିବ ।
ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।
କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।
CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

